ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ନିର୍ଦ୍ଧାରିତ ଦିବସ କାର୍ଯ୍ୟକ୍ରମରେ

## ରାଜ୍ୟର ସମସ୍ତ ଆଇ.ସି.ଡି.ଏସ୍ ପ୍ରକଳ୍ପରେ ଛତୁଆ ମିଶ୍ରଣ

ଭୁବନେଶ୍ୱର, ୨୩ ଜାନୁଆରୀ ୨୦୨୦

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ସମନ୍ୱିତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ନିର୍ଦ୍ଧାରିତ ଦିବସରେ କାର୍ଯ୍ୟକ୍ରମରେ ଆଜି ରାଜ୍ୟର ସମସ୍ତ ଆଇ.ସି.ଡି.ଏସ୍ ପ୍ରକଳ୍ପରେ ଛତୁଆ ମିଶ୍ରଣ କରାଯାଇଛି । କୋରାପୁଟ ଜିଲ୍ଲାପାଳ ଶ୍ରୀ ମଧୁସୂଦନ ମିଶ୍ର, ସୋନପୁର ଜିଲ୍ଲାପାଳ ମନୀଷା ବାନାର୍ଜୀ ଏବଂ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସାମଲ ବିଭିନ୍ନ କେନ୍ଦ୍ର ବୁଲି ଛତୁଆ ମିଶ୍ରଣ ତଦାରଖ କରିଥିଲେ । ବୌଦ୍ଧ, ଯାଜପୁର, ବାଲେଶ୍ୱର, ଭଦ୍ରକ, କନ୍ଧମାଳ, ନୟାଗଡ଼, ବଲାଙ୍ଗୀର ଓ ପୁରୀ ଜିଲ୍ଲାର ବିଭିନ୍ନ କେନ୍ଦ୍ରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ବିଭିନ୍ନ  କେନ୍ଦ୍ରରେ ମିଶ୍ରଣ କାର୍ଯ୍ୟକ୍ରମ ନିରୀକ୍ଷଣ କରିଥିଲେ ।  ବାଲେଶ୍ୱରର କେତୋଟି କେନ୍ଦ୍ରକୁ ଉପଜିଲ୍ଲାପାଳ ଏବଂ ନିମାପଡ଼ାରେ ମେଡିକାଲ୍ ଅଫିସର ଛତୁଆ ମିଶ୍ରଣର ତଦାରଖ କରିଥିବା ବିଭାଗ ସୂତ୍ରରୁ ପ୍ରକାଶ ।

ଏହି ଛତୁଆ ମିଶ୍ରଣ ପାଇଁ ନିର୍ଦ୍ଧାରିତ ପରିମାଣର ସାମଗ୍ରୀକୁ ପୂର୍ବରୁ ସଂଗ୍ରହ କରାଯାଇ ସେସବୁର ମାନ ଯାଞ୍ଚ କରାଯାଇଥିଲା । ସେହିଭଳି ବିଭିନ୍ନ ଛତୁଆ ମିଶ୍ରଣ କେନ୍ଦ୍ରରେ ମଧ ଶୁଖିଲା ଖାଦ୍ୟ ଭାବେ ସୁଜି, ବେସନ ଓ ଲଡ୍ଡୁ ପ୍ୟାକିଂ କରାଯାଇଥିଲା । ଏହିସବୁ ଛତୁଆ ମିଶ୍ରଣ କାର୍ଯ୍ୟକୁ ସିସିଟିଭି ମାଧମରେ ଅନୁଧ୍ୟାନ କରାଯାଉଛି । ନିର୍ଦ୍ଦିଷ୍ଟ ଦିନରେ ଛତୁଆ ମିଶ୍ରଣ ଏବଂ ବରିଷ୍ଠ ଅଧିକାରୀମାନଙ୍କ ଯାଞ୍ଚ ପ୍ରକ୍ରିୟା ଦ୍ୱାରା ଛତୁଆ ମିଶ୍ରଣ ଅଧିକ ଶୃଙ୍ଖଳିତ ହୋଇଛି । ଛତୁଆର ଗୁଣବତ୍ତା ବଜାୟ ରଖିବା ସହ ମିଶ୍ରଣ ଓ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିଛି । ଏହି ଛତୁଆ କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ କରିବା ଲକ୍ଷ୍ୟରେ ‘ମୋ ଛତୁଆ’ ଆପ୍‌ର ବିକାଶ କରାଯାଇଛି । ଛତୁଆ ମିଶ୍ରଣ ପ୍ରକ୍ରିୟାକୁ ଉନ୍ନତ ପର୍ଯ୍ୟାୟକୁ ନେବା ନିମନ୍ତେ ବିଭାଗ ତରଫରୁ ନିରନ୍ତର ପ୍ରଚେଷ୍ଟା ଜାରିରହିଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ